## ମାନ୍ୟବର ସୁପ୍ରିମ କୋର୍ଟଙ୍କ ଦ୍ୱାରା 8,ମଇ 2009 ରେ ପ୍ରଦତ୍ତ ରାୟର ସାରାଂଶ :

1. ମାନ୍ୟବର ସୁପ୍ରିମ କୋର୍ଟ ଆଦେଶ ଦେଲେ ଯେ ରାଘଭନ୍ କମିଟି ଦ୍ୱାରା ଅନେକ ସଂଖ୍ୟକ ସୁପାରିଶ ଗୁଡ଼ିକୁ ତୁରନ୍ତ କାର୍ଯ୍ୟକାରୀ କରିବାପାଇଁ |ସେଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ:
   - ବିଶ୍ୱାସ ସୃଷ୍ଟି କରିବା ପଦକ୍ଷେପଗୁଡ଼ିକ ଯେପରିକି ମନ୍ତ୍ରଣାଦାତା ମାନଙ୍କ ନିଯୁକ୍ତି, କନିଷ୍ଠ ଛାତ୍ରମାନଙ୍କର ପହଞ୍ଚିବାର ଗୋଟିଏ କିମ୍ବା ଦୁଇଟି ସପ୍ତାହ ପରେ ବରିଷ୍ଠ ଛାତ୍ରମାନଙ୍କ ପହଞ୍ଚିବା; ଯୁଗ୍ମ ସମ୍ବେଦନଶୀଳକାରୀ କାର୍ଯ୍ୟକ୍ରମ; ପ୍ରିନ୍ସିପାଲ୍/ଅନୁଷ୍ଠାନର ମୁଖ୍ୟଙ୍କ ଦ୍ୱାରା "ନବାଗତ" ଏବଂ "ବରିଷ୍ଠ" ମାନଙ୍କୁ ସମ୍ବୋଧନ କରିବା; ସାଂସ୍କୃତିକ, କ୍ରୀଡ଼ା ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପ ଗୁଡ଼ିକର ବହୁମାତ୍ରାରେ ଆୟୋଜନ କରିବା; ଫେକଲ୍ଟି ସଦସ୍ୟମାନଙ୍କ ପାଇଁ ଛାତ୍ରାବାସରେ ରହୁଥିବା ଅନ୍ତେବାସୀ ମାନଙ୍କ ସହ ମିଶି ସେମାନଙ୍କ ନିଜନିଜ ଛାତ୍ରାବାସରେ ଖାଇବା ବ୍ୟବସ୍ଥା କରିବା ଇତ୍ୟାଦି |
   - ପ୍ରତ୍ୟେକ ଅନୁଷ୍ଠାନ ନିଶ୍ଚିତଭାବେ ସେମାନଙ୍କର ରାଗିଂ ବିରୋଧି କମିଟି ଏବଂ ରାଗିଂ ବିରୋଧି ସ୍କ୍ୱାଡ୍ ତିଆରି କରିବେ | ରାଗିଂ ଉପରେ ନଜର ରଖିବାପାଇଁ ଏକ ବିଶ୍ୱବିଦ୍ୟାଳୟ ସ୍ତରୀୟ ମନିଟରିଂ ସେଲ୍ ରହିବ ଯାହାକି ଏହାର ଅଧିନରେ ଥିବା ସହବନ୍ଧ କଲେଜ ଏବଂ ଅନୁଷ୍ଠାନ ମାନଙ୍କ ସହ ସମନ୍ୱୟ ରଖିବ | ରାଜ୍ୟରେ ଥିବା ବିଶ୍ୱବିଦ୍ୟାଳୟ ଗୁଡ଼ିକର ଚାନ୍ସେଲର୍ ସ୍ତରରେ ଏକ ମନିଟରିଂ ସେଲ୍ ରହିବା ଉଚିତ୍ |
   - କ୍ୟାମ୍ପସ ବାହାରେ ଘରୋଇଭାବେ ବାଣିଜ୍ୟିକ ଭିତ୍ତିରେ ପରିଚାଳିତ ହେଉଥିବା ହଷ୍ଟେଲ୍[ଛାତ୍ରାବାସ] ଏବଂ ଲଜ୍ ଗୁଡ଼ିକର ସଂଖ୍ୟା ବୃଦ୍ଧି ପରିପ୍ରେକ୍ଷୀରେ, ଏଭଳି ଛାତ୍ରାବାସ ଏବଂ ପରିଚାଳନା ସ୍ଥାନୀୟ ପୋଲିସ କର୍ତ୍ତୃପକ୍ଷଙ୍କ ସହ ପଞ୍ଜୀକୃତ ହେବା ଆବଶ୍ୟକ ଏବଂ ସେଗୁଡ଼ିକୁ ଆରମ୍ଭ କରିବାପାଇଁ ଅନୁମତି ଦେବାପାଇଁ ଅନୁଷ୍ଠାନ ଗୁଡ଼ିକର ମୁଖ୍ୟମାନଙ୍କର ସୁପାରିଶ ଅନୁସାରେ ନିଶ୍ଚିତରୂପେ ହେବାକଥା | ଉଭୟ ସ୍ଥାନୀୟ ପୋଲିସ, ସ୍ଥାନୀୟ ପ୍ରଶାସନ ଏବଂ ତତ୍ ସଙ୍ଗେସଙ୍ଗେ ଅନୁଷ୍ଠାନ କର୍ତ୍ତୃପକ୍ଷମାନଙ୍କ ପାଇଁ ବାଧ୍ୟତାମୂଳକ ହେବା ଉଚିତ୍ ଯେ ରାଗିଂ ବ୍ୟାଖ୍ୟାନ ପରିସରଭୁକ୍ତ ଘଟଣା ଗୁଡ଼ିକ ଉପରେ ନଜର ରଖିବା କୁ ସୁନିଶ୍ଚିତ କରେଇବା |
   - ୱାର୍ଡେନ୍ ନିଶ୍ଚିତଭାବେ ସବୁ ସମୟରେ ସୁଗମ୍ୟ ହେବା ଉଚିତ୍ ଏବଂ ସେଥିପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଯେ ସେମାନେ ଟେଲିଫୋନ୍ ଏବଂ ଅନ୍ୟାନ୍ୟ ଯୋଗାଯୋଗ ମାଧ୍ୟମଗୁଡ଼ିକରେ ଉପଲବ୍ଧ ହେବା ଦରକାର | ଅନୁରୂପ ଭାବରେ, ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କର୍ମକର୍ତ୍ତାମାନଙ୍କ ଟେଲିଫୋନ୍ ନମ୍ବର ଅନୁଷ୍ଠାନର ମୁଖ୍ୟ, ଫେକଲ୍ଟି ସଦସ୍ୟବୃନ୍ଦ, ରାଗିଂବିରୋଧି କମିଟିର ସଦସ୍ୟମାନଙ୍କର, ଜିଲା ଏବଂ ଉପଖଣ୍ଡ କର୍ତ୍ତୃପକ୍ଷଙ୍କ ନମ୍ବର, ଏବଂ ଯେଉଁଠାରେ ଜରୁରୀ, ଆବଶ୍ୟକକାରୀଙ୍କ ପାଇଁ ଜରୁରୀକାଳୀନ ପରିସ୍ଥିତିରେ ସାହାଯ୍ୟ ପାଇଁ ଏବଂ ସମ୍ପର୍କରେ ରହିବାପାଇଁ ବିସ୍ତିର୍ଣ୍ଣଭାବେ ପ୍ରସାରିତ ହେବା ଉଚିତ୍ |

- ପ୍ରତ୍ୟେକ ପାଠ୍ୟବର୍ଷ ଆରମ୍ଭରେ ରାଗିଂରେ ସମ୍ପୃକ୍ତ ନରହିବାପାଇଁ କିମ୍ବା ରାଗିଂକୁ କୁପ୍ରରୋଚିତ ନକରିବାପାଇଁ ନେଉଥିବା ଅଣ୍ଡର୍‌ଟେକିଂ ପାଇବାପାଇଁ ପ୍ରତ୍ୟେକ ଛାତ୍ରମାନଙ୍କୁ ଆବଣ୍ଟନ କରାଯାଇଥିବା ବ୍ରୋସିଓର୍ ବା ବୁକ୍‌ଲେଟ୍/ଲିଫ୍‌ଲେଟ୍ ରେ ପ୍ରତିରୋଧ ଏବଂ ପ୍ରତିକାରର ପ୍ରକ୍ରିୟାର ବ୍ଲୁ ପ୍ରିଣ୍ଟ୍ ବା ପକ୍କା ନକ୍‌ସା ରହିବ |
- ଶିକ୍ଷାଗତ ଅନୁଷ୍ଠାନ ଗୁଡ଼ିକ ସୁନିଶ୍ଚିତ କରେଇବେ ଯେ ପ୍ରତ୍ୟେକ ଛାତ୍ରାବାସରେ ଜଣେ ୱାର୍ଡେନ୍ ସର୍ବଦା ୨୪ ଘଣ୍ଟା ପାଇଁ ଛାତ୍ରାବାସ ମଧ୍ୟରେ ରହିବେ, କିମ୍ବା ଅତି କମରେ ଛାତ୍ରାବାସର ଅତି ନିକଟବର୍ତ୍ତୀ ସ୍ଥାନରେ ରହିବେ |

2. ମାନ୍ୟବର ସୁପ୍ରିମ କୋର୍ଟ ସ୍ୱୀକୃତି ଜଣେଇଲେ ଯେ ଡ଼ାକ୍ତର ରାଜ୍ କାଚ୍‌ରୁ ଙ୍କ ପରାମର୍ଶ ଅନୁଯାୟୀ ଉପାୟରେ ଭାରତ ସରକାରଙ୍କ ମାନବସମ୍ବଳ ବିକାଶ ମନ୍ତ୍ରଣାଳୟ, ୟୁଜିସି, ଏମ୍‌ସିଆଇ, ଏଆଇସିଟିଇ ଏବଂ ଅନ୍ୟାନ୍ୟ ସମତୁଲ ନିୟାନ୍ତ୍ରକ କର୍ତ୍ତୃପକ୍ଷଙ୍କ ସହ ପରାମର୍ଶ କରି ଏକ କେନ୍ଦ୍ରୀୟ କ୍ରାଇସିସ୍-ହଟ୍‌ଲାଇନ୍ ଏବଂ ଆଣ୍ଟି-ରାଗିଂ ଡ଼ାଟାବେସ୍ ସ୍ଥାପନ କରିବା ପ୍ରକ୍ରିୟାରେ ଅଛନ୍ତି | ଅବଶ୍ୟ ମାନ୍ୟବର କୋର୍ଟ ଆହୁରି ବ୍ୟକ୍ତ କଲେ ଯେ,
   - ଡ଼ାଟାବେସ୍ କୁ ମନିଟରିଂ କରିବା ଦାୟୀତ୍ୱ ଏକ ଅଣସରକାରୀ ସଂସ୍ଥାକୁ ଦେବା ଦରକାର ଯାହାକି ଜନସାଧାରଣରେ ବିଶ୍ୱାସ ସୃଷ୍ଟି କରିବାପାଇଁ ଏବଂ ଅନୁପାଳନ ନକରିବା ସୂଚନା କୁ ନିୟାନ୍ତ୍ରକ କର୍ତ୍ତୃପକ୍ଷଙ୍କୁ ଏବଂ ରାଘଭନ୍ କମିଟିକୁ ମଧ୍ୟ ପ୍ରଦାନ କରିବାପାଇଁ ଭାରତ ସରକାରଙ୍କ ଦ୍ୱାରା ତୁରନ୍ତ ନାମାଙ୍କନ କରାଯିବା ଉଚିତ୍ |
   - ଡ଼ାଟାବେସ୍ ଟି ପ୍ରତ୍ୟେକ ଛାତ୍ରମାନଙ୍କ ଦ୍ୱାରା, ମାତାପିତାମାନଙ୍କ/ଅଭିଭାବକମାନଙ୍କ ଦ୍ୱାରା ଦୃଢ଼ଭାବେ ସମର୍ଥିତ ହୋଇଥିବା ସତ୍ୟପାଠ ରୁ ହିଁ ସୃଷ୍ଟି କରାଯିବ, ଯେଉଁ ସତ୍ୟପାଠ ଗୁଡ଼ିକ ବୈଦ୍ୟୁତିକ ଭାବରେ ଗଚ୍ଛିତ ରଖାଯିବ ଏବଂ ସେଥିରେ ପ୍ରତ୍ୟେକ ଛାତ୍ରର ବିବରଣୀ ରହିବ |
   - ଡ଼ାଟାବେସ୍ ଟି ପ୍ରାପ୍ତ ହୋଇଥିବା ରାଗିଂ ଅଭିଯୋଗ ଗୁଡ଼ିକର ରେକର୍ଡ଼ ଭାବେ ମଧ୍ୟ କାର୍ଯ୍ୟ କରିବ ଏବଂ ତା'ଉପରେ ନିଆଯାଇଥିବା ପଦକ୍ଷେପ ଗୁଡ଼ିକର ସ୍ଥିତିଉପରେ ମଧ୍ୟ ଜାଣିବାପାଇଁ ରେକର୍ଡ଼ ଭାବେ କାର୍ଯ୍ୟ କରିବ |

3. ମାନ୍ୟବର ସୁପ୍ରିମ କୋର୍ଟ ଆଦେଶ ଜାରୀ କଲେ ଯେ ରାଗିଂ ଜନିତ ଭୟ କୁ ଦମନ କରିବାପାଇଁ ୟୁଜିସି ଦ୍ୱରା ପ୍ରସ୍ତୁତ କରାଯାଇଥିବା ଆଇନ୍‌ଗୁଡ଼ିକ ନିଶ୍ଚିତଭାବେ ଅନ୍ୟାନ୍ୟ ସମସ୍ତ ନିୟାନ୍ତ୍ରକ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗୃହୀତ ହେବ ଯେପରିକି, ଏଆଇସିଟିଇ, ଏମ୍‌ସିଆଇ, ଡ଼ିସିଆଇ, ଏନ୍‌ସିଆଇ ଇତ୍ୟାଦି;

4. ମାନ୍ୟବର ସୁପ୍ରିମକୋର୍ଟ ସ୍ୱୀକୃତି ଜଣେଇଲେ ଯେ ଅମନ କାଚ୍‌ରୁ ଙ୍କ ମୃତ୍ୟୁ ସହ ଜଡ଼ିତ ଘଟଣା ସ୍ପଷ୍ଟଭାବେ ଦର୍ଶାଇଛି ଯେ ଆଇନ୍ ଏବଂ ନିର୍ଦ୍ଦେଶାବଳୀ ଗୁଡ଼ିକର ପ୍ରସ୍ତୁତି ଆଦୌ ଯଥେଷ୍ଟ ନୁହେଁ | ତେଣୁକରି, ମାନ୍ୟବର

କୋର୍ଟ ଆଦେଶ ଜାରୀ କଲେ ଯେ ଏଭଳି ଆଇନ୍ ଗୁଡ଼ିକ ଦୃଢ଼ଭାବେ କାର୍ଯ୍ୟକାରୀ ହେବା ଉଚିତ୍ ଏବଂ ଅନୁଷ୍ଠାନର/ପ୍ରଶାସନର ମୂଖ୍ୟମାନେ ଯେଉଁମାନେ ରାଗିଂ କରୁଥିବା ଦୋଷୀମାନଙ୍କ ବିରୁଦ୍ଧରେ ଉଚିତ୍ ସମୟରେ ପଦକ୍ଷେପ ନନେଇଛନ୍ତି କିମ୍ବା ରାଗିଂ ପ୍ରତିରୋଧ କରିବାରେ ସମୟାନୁଚିତ ପଦକ୍ଷେପ ନନେଇଛନ୍ତି, ସେମାନଙ୍କ ପାଇଁ ଦଣ୍ଡନୀୟ ପରିଣାମ ପାଇଁ ଆଦେଶ ଦେଲେ | ଦଣ୍ଡନୀୟ ପରିଣାମ ବ୍ୟତୀତ ବିଭାଗୀୟ ଅନୁସନ୍ଧାନ ର ପ୍ରାରମ୍ଭିକ ପଦକ୍ଷେପ ଏଭଳି ଅନୁଷ୍ଠାନ ମୂଖ୍ୟ/ ପ୍ରଶାସନର ସଦସ୍ୟଗଣ/ ଫେକଲ୍ଟିର ସଦସ୍ୟଗଣ/ଅଣ-ଶିକ୍ଷାଦାତା କର୍ମଚାରୀମାନେ, ଯେଉଁମାନେ ରାଗିଂ ଅଭିଯୋଗ ଗୁଡ଼ିକ ପ୍ରତି ଉଦାସୀନ ଏବଂ ସମ୍ବେଦନଶୀଳହୀନ ମନୋଭାବ ପ୍ରଦର୍ଶନ କରନ୍ତି |

5. ମାନ୍ୟବର ସୁପ୍ରିମକୋର୍ଟ କହିଲେ ଯେ କେବଳ ଛାତ୍ରସମାଜ ନୁହେଁ ବରଂ ଫେକଲ୍ଟି ମଧ୍ଯ ରାଗିଂର କୁପ୍ରଭାବ ପ୍ରତି ସଚେତନ ହେବା ଉଚିତ୍ ଏବଂ ଏହାର ପ୍ରତିରୋଧ ପ୍ରତି ମଧ୍ଯ | ଅଣ-ଶିକ୍ଷାଦାତା କର୍ମଚାରୀ ଯେଉଁଥିରେ ପ୍ରଶାସନ କର୍ମଚାରୀ, ଚୁକ୍ତିବଦ୍ଧ କର୍ମଚାରୀ, ନିରାପତ୍ତା ଗାର୍ଡ୍ ଇତ୍ୟାଦି ଅନ୍ତର୍ଭୁକ୍ତ ଅଟନ୍ତି, ସେମାନଙ୍କୁ ମଧ୍ଯ ରାଗିଂ ର କୁପ୍ରଭାବ ଏବଂ ପରିଣାମ ବିଷୟରେ ନିୟମିତଭାବେ ସମ୍ବେଦନଶୀଳ କରେଇବାକୁ ହେବ ;

6. ମାନ୍ୟବର ସୁପ୍ରିମକୋର୍ଟ ଆଦେଶ ଦେଲେ ଯେ ପ୍ରିନ୍ସିପାଲ୍ କିମ୍ବା ଅନୁଷ୍ଠାନ/ବିଭାଗର ମୂଖ୍ୟ ଅନୁଷ୍ଠାନର ପ୍ରତ୍ୟେକ କର୍ମଚାରୀଙ୍କଠାରୁ ଏକ ଅଣ୍ଡର୍‌ଟେକିଂ ରଖିବେ ଯେ କର୍ମଚାରୀଙ୍କ ମଧ୍ଯରୁ ଶିକ୍ଷାଦାତା ଏବଂ ଅଣ-ଶିକ୍ଷାଦାତା ସଦସ୍ୟଗଣ, ହତାମଧ୍ୟରେ କାର୍ଯ୍ୟରତ ଚୁକ୍ତିବଦ୍ଧ କର୍ମଚାରୀମାନେ, କ୍ୟାଟିନ୍ ଚଲେଇବା ପାଇଁ ହୋଇଥାନ୍ତୁ ଅଥବା ଜଗିବା ଏବଂ ଦେଖାରେଖା କରିବାପାଇଁ ହୋଇଥାନ୍ତୁ କିମ୍ବା ବିଲ୍ଡ଼ିଂ/ଲନ୍ ର ସଫାକରିବା ଏବଂ ରକ୍ଷଣାବେକ୍ଷଣ କରିବା କାର୍ଯ୍ୟରେ ଥାଆନ୍ତୁ, ଯଦି ରାଗିଂ ଘଟଣା କାହାର ମଧ୍ଯ ଦୃଷ୍ଟିଗୋଚର ହୁଏ ତେବେ ତୁରନ୍ତ ରିପୋର୍ଟ କରିବେ | ସର୍ଭିସ ରୁଲ୍ ରେ ପ୍ରଶଂସା ର ପ୍ରମାଣପତ୍ର ଜାରୀ କରିବାର ଏକ ବ୍ୟବସ୍ଥା ରହିବ କର୍ମଚାରୀଗଣଙ୍କ ମଧ୍ଯରୁ ସେଭଳି ସଦସ୍ୟମାନଙ୍କ ପାଇଁ ଯେଉଁମାନେ ରାଗିଂ ରିପୋର୍ଟ କରିବେ ଏବଂ ତାହା ତାଙ୍କର ସର୍ଭିସ୍ ର ଏକ ଅଂଶ ଭାବେ ପରିଗଣିତ ହେବ |

7. ମାନ୍ୟବର ସୁପ୍ରିମକୋର୍ଟ କହିଲେ ଯେ ନବାଗତ ମାନଙ୍କର ମାତାପିତା/ଅଭିଭାବକମାନଙ୍କ ପାଇଁ ଏହା ଜରୁରୀ ଯେ ସେମାନେ ଦାୟୀତ୍ୱବୋଧତା ପୁର୍ବକ ରାଗିଂ ର କୌଣସି ଘଟଣାକୁ ତୁରନ୍ତ ଅନୁଷ୍ଠାନ ମୂଖ୍ୟଙ୍କର ଦୃଷ୍ଟିକୁ ଆଣିବେ |

8. ମାନ୍ୟବର ସୁପ୍ରିମକୋର୍ଟ କହିଲେ ଯେ ଏସ୍‌ଏଚ୍‌ଓ/ଏସ୍‌ପି, ଯାହାର ଇଲାକା ଭିତରେ ଏକ ନିର୍ଦ୍ଦିଷ୍ଟ କଲେଜ ଅବସ୍ଥିତ ସେମାନେ ସୁନିଶ୍ଚିତ କରିବେ ଯେ ସମ୍ପର୍କିତ କଲେଜରେ ଯେପରି କୌଣସି ରାଗିଂ ଘଟଣା ନଘଟେ ଏବଂ ସେଥିପାଇଁ ସେମାନେ ଦାୟୀ ହେବେ ଏବଂ ଯଦି କୌଣସି ଘଟଣା ଘଟେ ତେବେ ପ୍ରଭାବଶାଳୀଭାବେ ତା'ର ମୁକାବିଲା କରିବେ | ଥରେ କେନ୍ଦ୍ରୀୟ ଡ଼ାଟାବେସ୍/କ୍ରାଇସିସ୍ ହଟ୍‌ଲାଇନ୍ କାର୍ଯ୍ୟକାରୀ

ହୋଇଗଲାପରେ ଯେତେବେଳେ କୌଣସି ଏସ୍ଏଚ୍ଓ /ଏସ୍ପି, ଯାହାର ଇଲାକା ଭିତରେ ଏକ ନିର୍ଦ୍ଦିଷ୍ଟ କଲେଜ ଆସେ ତେବେ ସେହି ଏସ୍ଏଚ୍ଓ/ଏସ୍ପି ଘଟଣା ସହ ପ୍ରଭାବଶାଳୀଭାବେ ମୁକାବିଲା କରିବେ ଏବଂ କ୍ରାଇସିସ୍ ହଟ୍ଲାଇନ୍ କର୍ମଚାରୀଙ୍କ ସହ କିମ୍ବା ସ୍ୱାଧିନ ମନିଟରିଂ ଏଜେନ୍ସି ସହ ସହଯୋଗ କରିବେ ଏବଂ ଯୋଗାଯୋଗ ରଖିବେ | ଏହା ବିଶ୍ୱାସ ଗଠନ କରିବା ସଙ୍ଗେସଙ୍ଗେ ଲୋକମାନଙ୍କୁ ବିନା ଭୟ କିମ୍ବା ବିନା ବିଳମ୍ବରେ ରାଗିଂ ଘଟଣା ଗୁଡ଼ିକୁ ରିପୋର୍ଟ କରିବାପାଇଁ ଉତ୍ସାହିତ କରିବ |

୨. ମାନ୍ୟବର ସୁପ୍ରିମକୋର୍ଟ କହିଲେ ଯେ ଥରେ ଡ଼ାଟାବେସ୍/କ୍ରାଇସିସ୍ ହଟ୍ଲାଇନ୍ କାର୍ଯ୍ୟକାରୀ ହୋଇଗଲାପରେ, ରାଜ୍ୟସରକାରମାନେ ସେମାନଙ୍କର ରାଗିଂ-ବିରୋଧି ଆଇନ୍‌ଗୁଡ଼ିକର ସଂଶୋଧନ କରିବେ ଯାହା ଅନୁଷ୍ଠାନ ମୁଖ୍ୟ ମାନଙ୍କ ଉପରେ ଦଣ୍ଡନୀୟ ପରିଣାମ କୁ ଲଦିବାପାଇଁ ବ୍ୟବସ୍ଥା ଅନ୍ତର୍ଭୁକ୍ତ କରିବ |